**ସଂକ୍ଷେପରେ**

## ସନ୍ତୋଷ ସର୍ବଶ୍ରେଷ୍ଠ କନଷ୍ଟେବଲ



ନବରଙ୍ଗପୁର/ପାପଡାହାଣ୍ଡି, ୧।୪(ବି.ପ୍ର./ଡି.ଏନ୍.ଏ.)- ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସରେ ସର୍ବଶ୍ରେଷ୍ଠ କନଷ୍ଟେବଲଭାବେ ପାପଡ଼ାହାଣ୍ଡିର ସନ୍ତୋଷ ନାୟକଙ୍କୁ ପୁରସ୍କୃତ କରାଯାଇଛି। ରାଜ୍ୟସ୍ତରରେ ଆୟୋଜିତ କାର୍ଯ୍ୟକ୍ରମରେ ଡିଜି ତାଙ୍କୁ ପୁରସ୍କୃତ କରିଛନ୍ତି। ସନ୍ତୋଷଙ୍କୁ ପୂର୍ବରୁ ଏହି ସମ୍ମାନ ମିଳିଥିଲା। ସେ ବର୍ତ୍ତମାନ ନବରଙ୍ଗପୁର ଏସ୍‌ପି କାର୍ଯ୍ୟାଳୟରେ କାମ କରୁଛନ୍ତି। ଖବର ପ୍ରକାଶ ପାଇବା ପରେ ତାଙ୍କୁ ଶୁଭେଚ୍ଛା ମିଳିଛି।

## ଉମରା ତୀର୍ଥଯାତ୍ରୀଙ୍କୁ ସମ୍ବର୍ଦ୍ଧନା



ଚନ୍ଦାହାଣ୍ଡି, ୧।୪(ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ଅଞ୍ଚଳରୁ ଉମରା ତୀର୍ଥଯାତ୍ରା ନିମନ୍ତେ ଗସ୍ତ କରୁଥିବା ତୀର୍ଥଯାତ୍ରୀଙ୍କୁ ମୋହରା ସୁନ୍ନୀ ଜାମା ମସ୍‌ଜିଦ ଆନୁକୂଲ୍ୟରେ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଚଳିତ ବର୍ଷ ମହମ୍ମଦ ହାରୁନ୍ ମାଲକାନି, ସ୍ତ୍ରୀ ହସିନା ବାଈ, ଝିଅ ଅପ୍‌ସାନା ବାନୋ ଏବଂ ଜ୍ୱାଇଁ ମହମ୍ମଦ ନାସିରଙ୍କ ସହ ଉମରା ତୀର୍ଥ ନିମନ୍ତେ ମକ୍କା ଏବଂ ମଦିନା ଯାତ୍ରା କରିଛନ୍ତି। ଏହି ଅବସରରେ ମୋହରା ମସ୍‌ଜିଦ୍ ପରିସରରେ ମସ୍‌ଜିଦ୍ କମିଟି ତଥା ବନ୍ଧୁବାନ୍ଧବଙ୍କ ତରଫରୁ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଉମରା ଯାତ୍ରା କରୁଥିବା ତୀର୍ଥଯାତ୍ରୀଙ୍କ ଯାତ୍ରା ସୁଗମ ହେଉ ବୋଲି ଉପସ୍ଥିତ ସମସ୍ତେ ପ୍ରାର୍ଥନା କରିଥିଲେ। ଏମାନେ ୨୨ ଦିନ ମଦିନା ଏବଂ ମକ୍କାରେ ରହିବେ ବୋଲି ଜଣାପଡ଼ିଛି। ସେଠାରେ ଇଦୁଲ ଫିତର ପାଳନ କରି ସମସ୍ତେ ଫେରିବେ। ଏହି କାର୍ଯ୍ୟକ୍ରମରେ ମହମ୍ମଦ ୟୁନୁସ୍, ଅବଦୁଲ ମଜିଦ, ମହମ୍ମଦ ହନିଫ, ମହମ୍ମଦ ଅସ୍‌ଲମ, ମହମ୍ମଦ ଇଜାଜ, ମହମ୍ମଦ ଇକ୍‌ବାଲ, ଅନିସ ହିଙ୍ଗୋରା, ବୁଶ୍ରା ବାନୋ, ସନା ବାନୋ, ମହମ୍ମଦ ହୁସେନ, ମହମ୍ମଦ ସାହିଲ ପ୍ରମୁଖ ଉପସ୍ଥିତ ଥିଲେ।

## ଉତ୍କଳ କଳା ସଂସଦ ପକ୍ଷରୁ ଓଡ଼ିଶା ଦିବସ ପାଳିତ

ଉମରକୋଟ,୧।୪(ସ୍ୱ.ପ୍ର.)- ନବରଙ୍ଗପୁର ଜିଲା ଉମରକୋଟ ପୌରାଞ୍ଚଳ ଅଧୀନ ଡିଏନ୍‌କେଠାରେ ଥିବା ଉତ୍କଳ କଳା ସଂସଦ କ୍ଲବ୍ ପକ୍ଷରୁ ଓଡ଼ିଶା ଦିବସ ପାଳିତ ହୋଇଛି। ଏହି ଅବସରରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟାର୍ପଣ କରିଥିଲେ। ଏଥିରେ ମୁଖ୍ୟଅତିଥିଭାବେ ଅବସରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ସୁରେନ୍ଦ୍ରନାଥ ଦାସ ପତାକା ଉତ୍ତୋଳନ କରି ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟ ଅତିଥିମାନେ ମଧ ଗୋପବନ୍ଧୁଙ୍କ ଓଡ଼ିଶା ପ୍ରତି ଥିବା ଅବଦାନ ଉପରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଉତ୍କଳ କଳା ସଂସଦର ସଭାପତି, ଉପସଭାପତ, ସମ୍ପାଦକ ସତ୍ୟ ଦାସ, କୋଷାଧକ୍ଷ ରିପୁନ ପାତ୍ର, ସଭ୍ୟ ନାରାୟଣ ସାହୁ, ସୁଶିଲ ପଣ୍ଡା, କୁନା ସାହୁ, ପୌରାଧକ୍ଷ ରାଧା ଭତ୍ରା, ଉପାଧକ୍ଷ ସୁଧାଂଶୁ ଦାସଙ୍କ ସହ କାଉନସିଲର ଓ କ୍ଲବ୍‌ର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଶହୀଦ ଲକ୍ଷ୍ମଣ ନାୟକ ପବ୍ଲିକ ସ୍କୁଲ ଛାତ୍ରୀଛାତ୍ର ଉତ୍କଳ ସଙ୍ଗୀତ ଗାନ କରିଥିଲେ। ସ୍କୁଲ ଅଧକ୍ଷା କବିତା ପାତ୍ର, ଉପାଧକ୍ଷ ଓମ୍ ପ୍ରଭା ସାହୁ ଓ ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ।

# ପ୍ରଶାସନର କାର୍ଯ୍ୟ ବିରୋଧରେ ରାଷ୍ଟ୍ରପତି, ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ ହେବ

- ଜିସିଡି ପଡ଼ିଆରେ ଆମ୍ବେଡ୍‌କର ଜୟନ୍ତୀ ପାଳନ ନେଇ ମିଳିଲାନି ଅନୁମତି
- ଜିଲା ପ୍ରଶାସନର ନିଷ୍ପତ୍ତିକୁ ଆମ୍ବେଡ୍‌କରବାଦୀଙ୍କ ବିରୋଧ


ଖବରଦାତା ସମ୍ମିଳନୀରେ ଆମ୍ବେଡ୍‌କର ଜୟନ୍ତୀ ସମ୍ପର୍କରେ ସୂଚନା ଦିଆଯାଉଛି।

ରାୟଗଡ଼ା ଅଫିସ/ରାୟଗଡ଼ା (ସ୍ୱ.ପ୍ର.),୧।୪

ସମ୍ବିଧାନ ପ୍ରଣେତା ବାବା ସାହେବ ଭୀମରାଓ ଆମ୍ବେଡ୍‌କରଙ୍କ ଜୟନ୍ତୀ ଜିସିଡି ଖେଳ ପଡ଼ିଆରେ ପାଳନ କରିବାକୁ ପ୍ରଶାସନ ମନା କରିବାରୁ ଆମ୍ବେଡ୍‌କରବାଦୀ ଏହାକୁ ବିରୋଧ କରିଛନ୍ତି। ସମ୍ବିଧାନ ପ୍ରଣେତାଙ୍କୁ ଅସମ୍ମାନ କରାଯାଉଥିବା ନେଇ ସ୍ଥାନୀୟ ଅଶୋକ ହୋଟେଲରେ ସାମ୍ବାଦିକ ସମ୍ମିଳନୀ କରି ଆମ୍ବେଡ୍‌କରବାଦୀ କହିଛନ୍ତି।

ଏପ୍ରିଲ ୧୪ରେ ଆମ୍ବେଡ୍‌କର ଜୟନ୍ତୀ ପାଳନ କରାଯିବ। ଜାତି, ଧର୍ମ, ବର୍ଣ୍ଣ ଓ ଦଳ ନିର୍ବିଶେଷରେ ସମସ୍ତେ ଏଥିରେ ଯୋଗଦେବାକୁ କୁହାଯାଇଛି। ଆଗାମୀ ୧୪ ତାରିଖରେ ଜିସିଡି ଖେଳ ପଡ଼ିଆରେ ଆମ୍ବେଡ୍‌କରଙ୍କ ଜୟନ୍ତୀ ପାଳନ କରିବା ନେଇ ଅନୁମତି ଆଣିବାକୁ ଜିଲାପାଳ ସ୍ୱାଧାଦେବ ସିଂଙ୍କ ପାଖକୁ ଯାଇଥିଲୁ। କିନ୍ତୁ ପୂର୍ବରୁ ବିଶ୍ୱ ହିନ୍ଦୁ ପରିଷଦ ଜିସିଡି ଖେଳ ପଡ଼ିଆରେ ପଣା ସଂକ୍ରାନ୍ତି ପାଳନ ପାଇଁ ଅନୁମତି ନେଇସାରିଛି। ଅନ୍ୟତ୍ର ଆମ୍ବେଡ୍‌କର ଜୟନ୍ତୀ ପାଳନ କରନ୍ତୁ ବୋଲି ଜିଲାପାଳ କହିଛନ୍ତି। ସମ୍ବିଧାନ ପ୍ରଣେତାଙ୍କ ଜୟନ୍ତୀ ପାଳନ ପାଇଁ ଅନୁମତି ପ୍ରଦାନ ବଦଳରେ ଅନ୍ୟତ୍ର କରିବାକୁ ପରାମର୍ଶ ଦେଇଛନ୍ତି। ଏହା ସାଧାରଣରେ ଗ୍ରହଣୀୟ ନୁହେଁ ବୋଲି କୁହାଯାଇଛି। ଡ. ଆମ୍ବେଡ୍‌କରଙ୍କ ଜୟନ୍ତୀ ଜିସିଡି ପଡ଼ିଆରେ ହିଁ ପାଳନ କରାଯିବ। ଯଦି ପ୍ରଶାସନ ଅବରୋଧ କରେ ତେବେ କିଛି ସମସ୍ୟା ସୃଷ୍ଟି ହେଲେ ସେଥିପାଇଁ ପ୍ରଶାସନ ଦାୟୀ ରହିବେ ବୋଲି ଖବରଦାତା ସମ୍ମିଳନୀରେ କୁହାଯାଇଛି। ଜିସିଡି ପଡ଼ିଆ ପାଇଁ ଅନୁମତି ପ୍ରଦାନ ସହିତ ପ୍ରଶାସନର କାର୍ଯ୍ୟ ବିରୋଧରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବ ବୋଲି କୁହାଯାଇଛି। ଏହି ଅବସରରେ ଆମ୍ବେଡ୍‌କର ଜୟନ୍ତୀ ପାଳନ ନେଇ ଏକ କମିଟି ଗଠନ କରାଯାଇଛି। ଗଙ୍ଗାଧର ପୁଆଲା ସଭାପତି, ସୁବାସ ଚନ୍ଦ୍ର ବିଡ଼ିକା, ତାମାରାଓ ବିଡ଼ିକା କାର୍ଯ୍ୟକାରୀ ସଭାପତି, ବ୍ଲକ ଉପାଧକ୍ଷ ହରପ୍ରସାଦ ହେପୃକା, ପ୍ରତାପ ପୁଆଲା, ଦୋରା କଣ୍ଡାଗରି ଉପସଭାପତି, ଜଳନ୍ଧର ଗରଡ଼ା ସାଧାରଣ ସମ୍ପାଦକ, କୋଷାଧକ୍ଷ ଭାବେ ପୁରନ୍ଦର ପାଣିଙ୍କୁ ଚୟନ କରାଯାଇଛି। ସେହିଭଳି ସଂଯୋଜକ ଓ ଉପଦେଷ୍ଟା ମଣ୍ଡଳୀ ମଧ ଚୟନ ହୋଇଥିଲେ।

# ଏଏସ୍‌ଆଇ ଅଶୋକ ପାଲଙ୍କୁ ଡିସ୍କ ଆୱାର୍ଡ

ଝରିଗାଁ, ୧।୪(ସ୍ୱ.ପ୍ର.)


ଏଏସ୍‌ଆଇ ଅଶୋକ କୁମାର ପାଲ ପୁରସ୍କାର ଗ୍ରହଣ କରୁଛନ୍ତି।

ନିଷ୍ଠାର ସହ କର୍ତ୍ତବ୍ୟ ପାଳନ ଏବଂ ଉତ୍ତମ ସେବା ପାଇଁ ନବରଙ୍ଗପୁର ଜିଲା ଝରିଗାଁ ଥାନାରେ କାର୍ଯ୍ୟରତ ଏଏସ୍‌ଆଇ ଅଶୋକ କୁମାର ପାଲ ଡିଜିପି ଡିସ୍କ ଆୱାର୍ଡ ପାଇଛନ୍ତି। ୮୮ତମ ରାଜ୍ୟ ପୋଲିସ ପ୍ରତିଷ୍ଠା ଦିବସ ଅବସରରେ ଆରକ୍ଷୀ ମହାନିର୍ଦ୍ଦେଶକ ସୁନୀଲ କୁମାର ବଂଶଲ ତାଙ୍କୁ ପ୍ରଶଂସାପତ୍ର ଓ ଡିସ୍କ ପ୍ରଦାନ କରିଛନ୍ତି। ମୋ ସରକାର ଓ ୫–ଟି ଅଗ୍ରାଧିକାର ଭିତ୍ତିରେ ପୋଲିସ ବିଭାଗରେ କାର୍ଯ୍ୟକାରୀ ହେଉଛି। ଥାନାକୁ ଆସୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ ସହ ସେମାନଙ୍କ ସମସ୍ୟା ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ନିଆଯିବା ସହ ପୋଲିସ ସ୍ୱଚ୍ଛତା ଓ ନିରପେକ୍ଷତା ଅବଲମ୍ବନକରି ସେ କାର୍ଯ୍ୟ ତୁଲାଇଥାନ୍ତି। ପୁରସ୍କାର ପାଇବା ପରେ ଏଏସ୍‌ଆଇ ପାଲଙ୍କୁ ଝରିଗାଁ ଥାନାଧିକାରୀ ତପନ ପତି, ଏସ୍‌ଆଇ ପ୍ରମୋଦ ଖଣ୍ଡୁଆଳ, ରାମଚନ୍ଦ୍ର ନାୟକ, ରାଜୁ ବଞ୍ଜାରା, ମହେଶ୍ୱର ପଟ୍ଟନାୟକ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ଉତ୍କଳ ସମ୍ମିଳନୀ ପକ୍ଷରୁ ଓଡ଼ିଶା ଦିବସ

ନବରଙ୍ଗପୁର,୧।୪(ବି.ପ୍ର.)

ନବରଙ୍ଗପୁର ସାଇ କେୟାର ଏଜୁକେଶନ ସମ୍ମିଳନୀ କକ୍ଷରେ ଉତ୍କଳ ସମ୍ମିଳନୀ, ନବରଙ୍ଗପୁର ଶାଖା ତରଫରୁ ୮୮ ତମ ଓଡ଼ିଶା ଦିବସ ପାଳନ କରାଯାଇଛି। ଓଡ଼ିଶା ପ୍ରଦେଶ ଗଠନରେ ମୁଖ୍ୟ ଭୂମିକା ନେଇଥିବା ଓଡ଼ିଶାର ବରପୁତ୍ର ପ୍ରତି ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଉତ୍କଳ ସମ୍ମିଳନୀ, ନବରଙ୍ଗପୁର ଶାଖା ର ବରିଷ୍ଠ ସଦସ୍ୟ ଅଶୋକ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ, ସୁରେନ୍ଦ୍ର ନାଥ ପଣ୍ଡା , କର୍ମକାଣ୍ଡ ବିଶାରଦ ଶରତ ଚନ୍ଦ୍ର ତ୍ରିପାଠୀ, ସମାଜିକ କର୍ମୀ ବିଜୟ ଚୌଧୁରୀ, ସଂଗଠକ ଗଣେଶ ଦାସ, ଆକାଶବାଣୀ କଣ୍ଠଶିଳ୍ପୀ ସୁରେଶ ମିଶ୍ର, ଉର୍ମିଳା ମହାପାତ୍ର, ପ୍ରଦୀପ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱତନ୍ତ୍ର ଅତିଥିଭାବେ ଜ୍ୟୋତିଷ ଶାସ୍ତ୍ର ପଣ୍ଡିତ ଶରତ ଚନ୍ଦ୍ର ତ୍ରିପାଠୀ, ପୁରପଲ୍ଲୀ ସଂସ୍କୃତି ଗବେଷକ ସୁରେନ୍ଦ୍ର ନାଥ ପଣ୍ଡା, ଜେନାମଣି ବିଷୋୟୀ, ଆଇନଜୀବୀ ରାମପ୍ରସାଦ ପାତ୍ର, ମୋନଜ ପଟ୍ଟନାୟକ, ରାଜ୍ୟ ଅମଲା ସଂଘ ସଭାପତି ତ୍ରିପତି ବାଲାଜୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଆ ଭାଷା ସଂସ୍କୃତି ତଥା ଆଞ୍ଚଳିକତାର ବିସ୍ତାର, ପ୍ରଚାର ପ୍ରସାର ସହ ଆଗାମୀ ଦିନରେ ଉତ୍କଳ ସମ୍ମିଳନୀକୁ ଜିଲ୍ଲାରେ ମଜଭୁତ କରିବାକୁ ଜିଲା ସମ୍ପାଦକ ଦୁର୍ଗା ପ୍ରସାଦ ପାଢୀ କହିଥିଲେ। ଅପରାହ୍ନରେ କବିତା ଆସର ଅନୁଷ୍ଠିତ ହୋଇଥିଲା। ସ୍ୱର୍ଣ୍ଣଲତା ପଟ୍ଟନାୟକ, ଜାହ୍ନବୀ ପଣ୍ଡା, ବାସନ୍ତି ଜେନା, ବିଷ୍ଣୁପ୍ରିୟା କର, ସୁଧା ପଟ୍ଟନାୟକ, ଅଧାପିକା ସ୍ୱପ୍ନା ମହାନ୍ତି, ସର୍ବେଶ୍ୱର ତ୍ରିପାଠୀ, ସୁବ୍ରତ ମହାନ୍ତି, ସଦାଶିବ ସାହୁ, କିଶୋର ପଟ୍ଟନାୟକ, ଶିବ ତ୍ରିପାଠୀ କବିତା ପାଠ କରିଥିଲେ। ଉତ୍କଳ ସମ୍ମିଳନୀ ଜିଲା ସମ୍ପାଦକ ଦୁର୍ଗା ପ୍ରସାଦ ପାଢୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମନୋଜ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

## ଯୁବକଙ୍କ ଉନ୍ମତ୍ତକାଣ୍ଡ, ରାସ୍ତାରେ ବୁଲାଇଲେ କୋଦାଳ

ପାପଡ଼ାହାଣ୍ଡି,୧।୪(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ସହରର ଭବାନି ଛକରେ ଶନିବାର ଜଣେ ନିଶାସକ୍ତ ଯୁବକ ଦୀର୍ଘ ସମୟ ଧରି ହାତରେ କୋଦାଳ ଧରି ବୁଲାଇବା ଯୋଗୁ ରାସ୍ତାରେ ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଛି। ରାସ୍ତାରେ ଯାଉଥିବା ସାଧାରଣ ଯାତ୍ରୀ ଭୟଭୀତ ହୋଇ ଅଟକି ରହୁଥିଲେ। ଯେ କେହି ଏହାର ପ୍ରତିବାଦ କରିବାକୁ ଗଲେ ତାକୁ ସେ ଆକ୍ରମଣ କରିବାକୁ ପଛାଇ ନଥିଲେ। ଜାତୀୟ ରାଜପଥ ୨୬ରେ ଯାନ ବାହାନ ଚଳାଚଳ ବନ୍ଦ ହୋଇ ବହୁ ଗାଡି ଅଟକି ଯାଇଥିଲା। ଏ ନେଇ ସ୍ଥାନୀୟ ଲୋକ ପୋଲିସକୁ ଜଣାଇ ଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକ ଜଣଙ୍କୁ ହଟାଇବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।




# ୨୬ ସାହିତ୍ୟିକଙ୍କୁ ସମ୍ମାନ



ରାଇଘର, ୧।୪(ଡି.ଏନ୍.ଏ.)

**ସନାତନ ସ୍ମୃତି ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ**

ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସନାତନ ସ୍ମୃତି ସାହିତ୍ୟ ଅନୁଷ୍ଠାନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧାପକ ଦୀନବନ୍ଧୁ ନନ୍ଦୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଉପସଭାନେତ୍ରୀ ଲିପିକା ବାରୋଇ ମୁଖ୍ୟ ଅତିଥି, ଓଡ଼ିଶା ସାହିତ୍ୟ ଏକାଡେମୀ ସାଧାରଣ ପରିଷଦ ସଦସ୍ୟ ବଲ୍ଲଭ ରାଉତ ମୁଖ୍ୟ ବକ୍ତା, ଚନ୍ଦାହାଣ୍ଡି ବିଡିଓ ଧର୍ମରାଜ ମାଝି, ରାଇଘର ବିଡିଓ ବିଜୟ ସେଠୀ, ଶିକ୍ଷାବିତ୍ ଜଗନ୍ନାଥ ବାରିକି ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଶିକ୍ଷାବିତ୍ ଗୁଟୁବାବୁ ପଟ୍ଟନାୟକ ସମୀକ୍ଷକ ଭାବେ ମଞ୍ଚାସୀନ ଥିଲେ। ପଞ୍ଚାୟତ ସମିତି କଲେଜ ଅଧକ୍ଷ ପରିକ୍ଷିତ ସାହୁ ସମ୍ପାଦକୀୟ ଅଭିଭାଷଣ ଦେଇଥିଲେ। ଉତ୍ସବରେ ୨୬ ଜଣ ସାହିତ୍ୟ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନ ଅଧାପକ ଗୋପାଳ ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। କବି ସହଦେବ ପରିଡ଼ା, ରମେଶ ଚନ୍ଦ୍ର ନାହାକ, ଅବିନାଶ ଶାନ୍ତା ପାତ୍ର ମଞ୍ଚାସୀନ ଥିଲେ। କବିତାଗୁଡ଼ିକ ସ୍ୱାଗତିକା ସାହୁ, ମଧୁସ୍ମିତା ମହାରଣା ଏବଂ ବୈଜୟନ୍ତୀ ମାଳା ରାଉତ ସଂଯୋଜନା କରିଥିଲେ। ପୂର୍ଣ୍ଣଚନ୍ଦ୍ର ମିଶ୍ର, ଅଭିରାମ ଲେଙ୍କା, ମନୋରମା ମହାପାତ୍ର, ଧନଞ୍ଜୟ ମଲ୍ଲ, ସାଗର ପରିଡ଼ା, ସଂଗ୍ରାମ ପରିଡ଼ା, ଲୋକେଶ ଜେନା, ରବୀନ୍ଦ୍ର ବାହିନୀପତି, ସ୍ୱାଗତିକା ବାହିନୀପତି, ଗୁରୁଦାସୀ ମଣ୍ଡଳ, ଶକ୍ତି ଜେନା, ବିଭୀଷଣ ଗଣ୍ଡ, ବୁଦ୍ଧେଶ୍ୱର ମଣ୍ଡଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସକାରାତ୍ମକ ବିଚାର ରଖି ଜୀବନରେ ଆଗକୁ ବଢ଼ନ୍ତୁ

ଉମରକୋଟ,୧।୪( ସ୍ୱ.ପ୍ର.)

**କଳିଙ୍ଗ ମଡେଲ ରେସିଡେନ୍ସିଆଲ୍ ସ୍କୁଲ**

ନବରଙ୍ଗପୁର ଜିଲା ଉମରକୋଟ କଳିଙ୍ଗ ମଡେଲ ରେସିଡେନ୍ସିଆଲ୍ ସ୍କୁଲର ପ୍ରଥମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଏମପି ରମେଶ ଚନ୍ଦ୍ର ମାଝୀ, ସମ୍ମାନିତ ଅତିଥି ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ପୌରପରିଷଦ ଅଧକ୍ଷା ରାଧା ଭତ୍ରା, ବ୍ଲକ ଶିକ୍ଷା ଅଧିକାରୀ ବିକାଶ ଚନ୍ଦ୍ର ସରକାର, ଏସ୍‌ଏମ୍‌ସି ସଭାପତି ଶୁକଚାନ୍ଦ ପୂଜାରୀ , ଡିଡବ୍ଲ୍ୟୁଓ ପୋଲକ ରବୀନ୍ଦ୍ର, ଉମରକୋଟ ଡବ୍ଲ୍ୟୁଇଓ ରକ୍ଷିରାମ ଚନ୍ଦ୍ରକାର, ମୁଖ୍ୟ ବକ୍ତା ଭାବେ ବିଡିଓ ଡ଼. ହିମାଚଳ ମାଝୀ, ସ୍କୁଲ ଅଧକ୍ଷ ଅନିଲ କୁମାର ସୁନା ଯୋଗଦେଇଥିଲେ। ପୂର୍ବକାଳରେ ପାଠ ପଢିବା ପାଇଁ ଏତେ ସୁବିଧା ନ ଥିଲା ତେଣୁ ସରକାର ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଏଭଳି ସ୍କୁଲମାନ ଖୋଲି ଗ୍ରାମାଞ୍ଚଳର ବିକାଶ ନିମନ୍ତେ ପଦକ୍ଷେପ ନେଉଛନ୍ତି। ତେଣୁ ଏହିଭଳି ସୁଯୋଗକୁ ହାତଛଡ଼ା ନ କରି ସମୟ ସହ ତାଳଦେଇ ଭଲପାଠ ପଢ଼ିବାକୁ ଛାତ୍ରୀଛାତ୍ରଙ୍କୁ ସେମାନେ କହିଥିଲେ। ଜୀବନରେ ସବୁ ବେଳେ ସକାରାତ୍ମକ ବିଚାର ରଖି ଆଗକୁ ବଢ଼ନ୍ତୁ। ସଫଳତା ନିଶ୍ଚୟ ଆପଣଙ୍କ ନିକଟକୁ ଆସିବ। କାର୍ଯ୍ୟକ୍ରମ ପରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ବିଶ୍ୱଜିତ୍ ରାୟ ଚୌଧୁରୀ, ଗୌରୀ ରାଣୀ ଗୋଲଦାର ମଞ୍ଚ ପରିଚାଳନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।


ଅତିଥି ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ।

## ସାଇଜ କାଠ ପଟା ଚାଲାଣ, ଜଣେ ଗିରଫ

ପାପଡ଼ାହାଣ୍ଡି,୧।୪(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ତୁମ୍ବର୍ଲା ପଞ୍ଚାୟତ ରଜାମାଟୁଠାରେ ଶନିବାର ସାଇଜ ପଟା କାଠ ଚାଲାଣ ବେଳେ ଜଣକୁ ଗିରଫ କରିଛି ବନ ବିଭାଗ। ସେ ହେଉଛନ୍ତି ତେନ୍ତୁଳିଖୁଣ୍ଟି ବ୍ଲକ ତାମତା ଗାଁର ସୁଶାନ୍ତ ବାଗ୍। ସାଇକେଲରେ ପଟା କାଠ ଧରି ନିଜ ଗାଁକୁ ଫେରୁଥିବାବେଳେ ବିଶେଷ ସୂତ୍ରରୁ ଖବର ପାଇ ତୁମ୍ବର୍ଲା ସେକ୍ସସନ୍ ଓ ସ୍ଥାନୀୟ ଗ୍ରାମବାସୀ ତାଙ୍କୁ ଧରିଥିଲେ। ୩ଟି ସାଇଜ କାଠ ଜବତ ସହ ସୁଶାନ୍ତଙ୍କୁ ଗିରଫ କରିଥିଲା ବନ ବିଭାଗ। ଚଢ଼ାଉ ସମୟରେ ଫୋରେଷ୍ଟ ଗାର୍ଡ ପିତାମ୍ବର ନାୟକ, ସୁଶାନ୍ତ କୁମାର ମାଝୀ, ସୋନାଲି ବିଶ୍ୱାଳ ଓ ପାରା ଫୋରେଷ୍ଟ ଗାର୍ଡ ବନସିଂ ଭତରା ପ୍ରମୁଖ ସାମିଲ ଥିଲେ।

# ସରକାରୀ ସହାୟତା ଲାଭ ଉଠାଇବାକୁ ପରାମର୍ଶ


ବୈଠକରେ ଜିଲାପାଳ, ଅଧିକାରୀ ଓ କିନ୍ନରସଂଘ ସଦସ୍ୟମାନେ।

ନବରଙ୍ଗପୁର,୧।୪(ବି.ପ୍ର.)

**ଅନ୍ତର୍ଜାତୀୟ କିନ୍ନର ଦିବସ**

ଅନ୍ତର୍ଜାତୀୟ କିନ୍ନର ଦିବସ ଅବସରରେ ଏକ ବୈଠକ ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ଜିଲାପାଳ ଡକ୍ଟର କମଳ ଲୋଚନ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ସରକାରଙ୍କ ବିଭିନ୍ନ ଯୋଜନାରେ ଜିଲାର କିନ୍ନରମାନେ ନିଜକୁ ସାମିଲ କରିବାକୁ ସେ ପରାମର୍ଶ ଦେଇଥିଲେ। ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର ଯୋଗ ଦେଇ କିନ୍ନରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ଜିଲା କିନ୍ନର ସଙ୍ଘ ଅଧକ୍ଷ ମନୋଜ ପଟ୍ଟନାୟକ କିନ୍ନରଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କିନ୍ନର ସଂଘ ପ୍ରଜେକ୍ଟ ଲିଡ଼ର ଏମ୍.ବାଲାକୃଷ୍ଣ ରାଓଙ୍କ ସମେତ ସଂଘ ସଭାପତି କାଜଲ କିନ୍ନର, ସମ୍ପାଦକ ତୁମିକି କିନ୍ନର, ସହସମ୍ପାଦକ ପ୍ରୀତି କିନ୍ନର, କାର୍ଯ୍ୟ ନିର୍ବାହୀ ସଭ୍ୟ କୃଷ୍ଣ ପ୍ରସାଦ ରଥ, ସଂଜୀବ ସିଂଙ୍କ ସମେତ ଜିଲାର ସମସ୍ତ ବ୍ଲକର କିନ୍ନରମାନେ ଯୋଗ ଦେଇଥିଲେ। ରାୟଗଡ଼ାର ମା’ ମଝିଗୌରୀ ସଂସ୍ଥା ଦ୍ୱାରା କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। ସୁଶାନ୍ତ ଗୋରଡା ସହଯୋଗ କରିଥିଲେ। କିନ୍ନରମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ଗାଁ ବୁଲିଲେ, ବନ୍ଦେ ଉତ୍କଳ ଜନନୀ ଗାନକଲେ

ଝରିଗାଁ,୧।୪(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ସଦରମହକୁମାସ୍ଥିତ ସମସ୍ତ ସରକାରୀ ଏବଂ ବେସରକାରୀ ବିଦ୍ୟାଳୟ, ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏହି ସମୟରେ ଉତ୍କଳ ବରପୁତ୍ର ମାନଙ୍କ ଫଟୋ ଏବଂ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି। ଉତ୍କଳ ଦିବସ ଅବସରରେ ଝରିଗାଁସ୍ଥିତ ସ୍ୱରାଜ ବିଦ୍ୟାପୀଠର ଛାତ୍ରୀଛାତ୍ରଙ୍କ ଦ୍ୱାରା ଭାଷା ଓ ସାହିତ୍ୟ ସଂସ୍କୃତିର ସୁରକ୍ଷା ଏବଂ ଏହାର ପ୍ରଚାର ପ୍ରସାରକୁ ନେଇ ବିଭିନ୍ନ ସ୍ଲୋଗାନ ପ୍ରଦାନ କରାଯାଇଥିଲା। ଏହାପରେ ବିଦ୍ୟାପୀଠ ସମସ୍ତ ଛାତ୍ରୀଛାତ୍ରମାନେ ପଂଚାୟତ ସମିତି କାର୍ଯ୍ୟାଳୟରେ ପହଞ୍ଚି ସେଠାରେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରିବା ପରେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ଏହି ଅବସରରେ ବିଡିଓ ସତ୍ୟନାରାୟଣ ମେହେର ଉପସ୍ଥିତ ରହି ଓଡିଶା ଦିବସରେ ବରପୁତ୍ର ମାନଙ୍କ ଅବଦାନ ସମ୍ପର୍କରେ ପ୍ରକାଶ କରିବା ସହ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ।


ଓଡ଼ିଶା ଦିବସ ପାଳନ ଅବସରରେ ଛାତ୍ରୀଛାତ୍ର ଓ ଅତିଥି।

# ସେବା, ସମର୍ପଣ ଭାବ ନେଇ କାର୍ଯ୍ୟ କରୁଛି ପୋଲିସ

**ରାୟଗଡ଼ା, ନବରଙ୍ଗପୁରରେ ଓଡିଶା ପୋଲିସ ପ୍ରତିଷ୍ଠା ଦିବସ**

ନବରଙ୍ଗପୁର (ବି.ପ୍ର.)/ ରାୟଗଡା ଅଫିସ, ୧।୪



ନବରଙ୍ଗପୁର ଏସ୍‌ପି ଏସ.ସୁଶ୍ରୀଙ୍କ ସହ ସମ୍ମାନିତ ହୋଇଥିବା ପୋଲିସ ଅଧିକାରୀ, କନଷ୍ଟେବଲ, ହାବିଲଦାର। ରାୟଗଡ଼ାରେ ଏସ୍‌ପି ବିବେକାନନ୍ଦ ଶର୍ମା ପରେଡ ଅଭିବାଦନ ଗ୍ରହଣ କରୁଛନ୍ତି ।

ନବରଙ୍ଗପୁର ଜିଲା ପୋଲିସ ପକ୍ଷରୁ ୮୮ତମ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ସ୍ଥାନୀୟ ପୋଲିସ ରିଜର୍ଭ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଏସ୍‌ପି ଏସ୍.ସୁଶ୍ରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ଏସ୍‌ପି ସୁଶ୍ରୀ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପଢ଼ିଥିଲେ। ନିଜ ଦାୟିତ୍ୱ ଓ କର୍ତ୍ତବ୍ୟକୁ ପୋଲିସ ନିଷ୍ଠାର ସହ ପାଳନ କରୁଛି। ସେବା ଓ ସମର୍ପଣ ଭାବ ନେଇ କାର୍ଯ୍ୟ, ଉତ୍ତମ ବ୍ୟବହାର ଏବଂ ବନ୍ଧୁତ୍ୱପୂର୍ଣ୍ଣ ବାତାବରଣ ରହିଲେ ସମସ୍ତଙ୍କ ଆସ୍ଥା ଭାଜନ ହୋଇପାରିବ ବୋଲି ସେ କହିଥିଲେ। ଏସ୍‌ଆଇ ନିଳିମା ପାଣିଗ୍ରାହୀ, ଏଏସ୍‌ଆଇ ପ୍ରକାଶ ଚନ୍ଦ୍ର ପତ୍ର, ହାବିଲଦାର ଚନ୍ଦ୍ର ଗୌଡ଼, କନଷ୍ଟେବଳ ସନ୍ତୋଷ କୁମାର ନାୟକ, ଏପିଆର କନେଷ୍ଟେବଲ ବିକାଶ ରଞ୍ଜନ ବେନିଆ ପ୍ରମୁଖଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଛି।

ରାୟଗଡ଼ାରେ ୮୮ ତମ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ଜେକେପୁରସ୍ଥିତ ରିଜର୍ଭ ପଡିଆରେ ଅନୁଷ୍ଠିତ ହୋଇଛି। ରାୟଗଡ଼ା ଏସ୍‌ପି ବିବେକାନନ୍ଦ ଶର୍ମା ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପରେଡ ଅଭିବାଦନ ଗ୍ରହଣ କରିଥିଲେ। ରାୟଗଡ଼ାବାସୀଙ୍କ ଧନ ଜୀବନ ରକ୍ଷା ସହ ଅପରାଧ ନିୟନ୍ତ୍ରଣ କରିବା ଓ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ଓଡ଼ିଶା ପୋଲିସ ଅହରହ ଉଦ୍ୟମ କରୁଛି। ସମସ୍ତଙ୍କର ସହଯୋଗ ରହିଲେ ଆମେ ଜିଲାରେ ଆହୁରି ଉତ୍ତମ ସେବା ଯୋଗାଇ ପାରିବୁ ବୋଲି ଏସ୍‌ପି କହିଥିଲେ। ସେ ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପଠନ କରିଥିଲେ। ଏହିଅବସରରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଏସ୍‌ଆଇ ଚକ୍ରଧର ବେହେରା, ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟର ଉମାକାନ୍ତ ଶବର, ହାବିଲଦାର ରତ୍ନମଣି ସାହୁ, ଶ୍ରେଷ୍ଠ ଓ ଆର କନଷେବଳ ମାଳିନ୍ଦି ଯୁଧିଷ୍ଠିର ଦୋରା, ଶ୍ରେଷ୍ଠ ଏପିଆର୍ କନଷ୍ଟେବଳ ନରେଶ କୁମାର ସାହୁଙ୍କୁ ପୁରସ୍କୃତ କରାଯାଇଛି।

## ସଂକ୍ଷେପରେ

### ସ୍ୱାମୀର ତୀର ମାଡରେ ସ୍ତ୍ରୀ ଗୁରୁତର

ମାଲକାନଗିରି,୧୪ (ଡି.ଏନ୍.ଏ.)- ମାଲକାନଗିରି ଜିଲା ମୋଟୁ ଥାନା ପରିସରରେ ସ୍ୱାମୀଙ୍କ ତୀର ମାଡରେ ସ୍ତ୍ରୀ ଗୁରୁତର ହୋଇଛନ୍ତି। ତାଙ୍କୁ ମାଲକାନଗିଗରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମୋଟୁ ଥାନା କମଳାପୁରମ ଗ୍ରାମର କୁରସାମୀ ଗଙ୍ଗା କୁରସାନି ଓ କୁଲୁସାନି ଉଭୟେ ସ୍ତ୍ରୀ ସ୍ୱାମୀ ମିଶି ମଦ୍ୟପାନ କରିଥିଲେ। ପରେ କୌଣସି କାରଣକୁ ନେଇ ଉଭୟଙ୍କ ମଧରେ ବଚସା ହୋଇଥିଲା। ଏଥିରେ ଗଙ୍ଗା ରାଗି ଯାଇ ନିଜ ସ୍ତ୍ରୀକୁ ତୀର ମାରିଥିଲେ। ଫଳରେ ସେ ଗୁରୁତର ହୋଇଥିଲେ। ତାଙ୍କ ପାଟି ଶୁଣି ପଡୋଶୀ ଓ ତାଙ୍କ ପୁଅ ଘଟଣା ସ୍ଥଳରେ ପହଞ୍ଚି ତାଙ୍କୁ ମୋଟୁ ଚିକିତ୍ସାଳୟ ପରେ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଏନେଇ ମୋଟୁ ଥାନାରେ ଏକ ମାମଲା ରୁଜୁ ହୋଇଛି।

### ଅନ୍ତର୍ଜାତୀୟ କିନ୍ନର ଦିବସ ପାଳିତ

କୋରାପୁଟ,୧୪(ସ୍ୱ.ପ୍ର.)-କୋରାପୁଟ ଜିଲା ପ୍ରଶାସନର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ଉପ-ବିଭାଗ ଏବଂ ରାୟଗଡ଼ା ମା' ମାଝି ଗୌରୀ ସିବିଓର ମିଳିତ ଆନୁକୂଲ୍ୟରେ ଅନ୍ତର୍ଜାତୀୟ କିନ୍ନର ଦିବସ-୨୦୨୩ ସ୍ଥାନୀୟ ଦକ୍ଷତା ବିକାଶ କେନ୍ଦ୍ରଠାରେ ପାଳିତ ହୋଇଯାଇଛି। କିନ୍ନରମାନଙ୍କୁ ସମ୍ମାନ ଦେବା, ସ୍ୱାବଲମ୍ବୀ କରିବା ଏବଂ ସେମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲକରି ସମାଜର ମୁଖ୍ୟ ଶ୍ରୋତକୁ ଆଣିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି ଯୋଗଦେଇ କିନ୍ନରମାନଙ୍କ ବ୍ୟକ୍ତିଗତ ଏବଂ ସାମୂହିକ ବିକାଶର ଆବଶ୍ୟକତା ରହିଛି। ସେମାନଙ୍କୁ ସ୍ୱାବଲମ୍ବୀ କରିବାକୁ ବିଭିନ୍ନ ଧନ୍ଦାମୂଳକ ତାଲିମ ଦେବା ଆବଶ୍ୟକ ବୋଲି ସେ କହିଥିଲେ। ଏ ଦିଗରେ ସମସ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଥିଲେ। ସ୍ପ୍ରେଡ୍ ବେସରକାରୀ ସଂସ୍ଥାରୁ ଜ୍ୟୋତିରଞ୍ଜନ ଏବଂ ଏକତାରୁ ସୀମାଞ୍ଚଳ ରେଡ୍ଡି ଉପସ୍ଥିତ ଥିଲେ। ସୀମାଞ୍ଚଳ ମହାପାତ୍ର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସଂଯୋଜକ ଅଶୋକ ମହାପତ୍ର, ବିଶ୍ୱନାଥ ଗମାଙ୍ଗ, କିନ୍ନର ଉପଦେଷ୍ଟା ରାୟଗଡ଼ା ମା' ମାଝି ଗୌରୀ ସିବିଓର ଆହାନା ବୈଦ, ଜଗନ୍ନାଥ ନାୟକଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

### ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ସଶକ୍ତୀକରଣ ନେଇ ପ୍ରଶିକ୍ଷଣ

ମାଲକାନଗିରି,୧୪(ଡି.ଏନ୍.ଏ.)- ମାଲକାନଗିରି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଓ ଆତ୍ମଶକ୍ତି ଟ୍ରଷ୍ଟର ମିଳିତ ଉଦ୍ୟମରେ ମାଲକାନଗିରି ଶ୍ରମଜୀବୀ ସଙ୍ଗଠନର କାର୍ଯ୍ୟାଳୟଠାରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ନେଇ ଏକ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଦାୟିତ୍ୱରେ ଥିବା ସସ୍ମିତା ସ୍ୱାଇଁ ଯୋଗଦେଇ ଉପସ୍ଥିତ ଶ୍ରମଜୀବୀ ସଙ୍ଗଠନର ସମସ୍ତ କର୍ମକର୍ତ୍ତାଙ୍କୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ସମ୍ପର୍କରେ ତାଲିମ ଦେଇଥିଲେ। ଜାତୀୟ ସାମାଜିକ ସହାୟତା ଯୋଜନା, ମଧୁବାବୁ ପେନ୍‌ସନ ଯୋଜନା, ଦିବ୍ୟାଙ୍ଗଙ୍କ ନିମନ୍ତେ ରହିଥିବା ବିଭିନ୍ନ ସରକାରୀ ଯୋଜନା, ଭିନ୍ନକ୍ଷମ ବ୍ୟକ୍ତିଙ୍କ ଅଧିକାର ଅଧିନିୟମ ସମ୍ପର୍କରେ ସେ ଆଲୋଚନା କରିଥିଲେ।

# 'ଓଡ଼ିଶାର ସାଂସ୍କୃତିକ ବିବିଧତା ଆମର ବଡ଼ ପରିଚୟ'

କୋରାପୁଟ/ଜୟପୁର/ମାଲକାନଗିରି, ୧୪(ସ୍ୱ.ପ୍ର./ଡି.ଏନ.ଏ.)

କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ଶନିବାର ୮୮ତମ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ସକାଳୁ ଛାତ୍ରୀଛାତ୍ରମାନେ ସ୍ଥାନୀୟ ସରକାରୀ ବିଦ୍ୟାଳୟ ଛକରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲେ। ପରେ ସହରର ବିଭିନ୍ନ ଛକରେ ଥିବା ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ସସ୍ମିତା


କୋରାପୁଟରେ ପ୍ରଶାସନ ପକ୍ଷରୁ ପାଳିତ ଓଡିଶା ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ଜନସାଧାରଣ ।

ମେଲେକା ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ଅଗ୍ନିଶମ କାର୍ଯ୍ୟାଳୟ ନିକଟରେ ପାରଳାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ନୂତନ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଧାୟକ ରଘୁରାମ ପୋଡାଲ, ପୂର୍ବତନ ବିଧାୟକ ନିମାଇଁ ସରକାର, ଏଡିଏମ୍ ରାଜେନ୍ଦ୍ର ମାଝୀ, ରାମେଶ୍ୱର ପ୍ରଧାନ, ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀଙ୍କ ସହ ବହୁ ଅଧିକାରୀ ଓ ଜନ ପ୍ରତିନିଧି ଉପସ୍ଥିତ ଥିଲେ। ଅପରାହ୍ନରେ ସଂସ୍କୃତି ଭବନଠାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏଠାରେ ମାଣ୍ଡିଆରେ ପ୍ରସ୍ତୁତ ବିଭିନ୍ନ ଖାଦ୍ୟର ଏକ ପ୍ରଦର୍ଶନୀ ହୋଇଥିଲା

## ଓଡ଼ିଶା ଦିବସ ପାଳନ

ଜୟପୁରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଓଡ଼ିଶା ଦିବସ ପାଳିତ ହୋଇଛି। ଏହି ଅବସରରେ ସହରରେ ବିଭିନ୍ନ ସ୍ଥାନରେ ଥିବା ବରପୁତ୍ର, ସ୍ୱାଧୀନତା ସଂଗ୍ରାମୀ ଓ ଶହୀଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଉପ ଜିଲାପାଳ ବେଦବର ପ୍ରଧାନ, ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ଉପାଧ୍ୟକ୍ଷ ବି.ସୁନିତା, ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ,ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଯଶୋଦା ଗାଦବାଙ୍କ ସହ ବିଭିନ୍ନ ଅନୁଷ୍ଠାନର ସଦସ୍ୟମାନେ ଉପସ୍ଥିତ ଥିଲେ। ଉତ୍କଳ ସମ୍ମିଳନୀ କୋରାପୁଟ ଜିଲା ଶାଖା ପକ୍ଷରୁ ମଧ ଜୟପୁର ରଜାନହର ସ୍ଥିତ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଓଡ଼ିଶା ଦିବସ ପାଳନ କରାଯାଇଥିଲା। ବିନୋଦ ମହାପାତ୍ର, ମଦନ ମୋହନ ନାୟକ, ଦେବେନ୍ଦ୍ର ବାହିନୀପତି, ବୁବୁ ଭାଇ ବଜରଙ୍ଗି, ପରମେଶ୍ୱର ପାତ୍ର, ରାଜେନ୍ଦ୍ର ଗୌଡ ପ୍ରମୁଖ ଉପସ୍ଥିତ ଥିଲେ । ଜିଲା ଓକିଲ ସଂଘ ପକ୍ଷରୁ ଓଡ଼ିଶା ଦିବସ ପାଳିତ ହୋଇଛି । ଜିଲା କୋର୍ଟ ପରିସରରେ ଥିବା ମଧୁ ସୂଦନ ଦାଶଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସଂଘ ସଭାପତି ବୀରେଶ ପଟ୍ଟନାୟକ, ସମ୍ପାଦକ ଶରତ ମାଝୀ , ପୂର୍ବତନ ସଭାପତି ସରୋଜ ଦାସ, ଗିରିଧର ଖରା, ଦେବେନ୍ଦ୍ର ବାହିନୀପତି, ବାଲା ରାୟ ପ୍ରମୁଖ ଉପସ୍ଥିତ ଥିଲେ।

ମାଲକାନଗିରିରେ ଜିଲା ପ୍ରଶାସନ ଓ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଜିଲ୍ଲାପାଳଙ୍କ ପୁରୁଣା କାର୍ଯ୍ୟାଳୟଠାରେ ଓଡ଼ିଶା ଦିବସ ପାଳନ କରାଯାଇଥିଲା। ଏଥିରେ ଜିଲା ପରିଷଦ ଅଧ୍ୟକ୍ଷା ସମାରୀ ତାଙ୍ଗୁଲୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଏହି ଅବସରରେ ଓଡ଼ିଶାର ବରପୁତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ସେ କହିଲେ, ଉତ୍କଳମଣି ଗୋପବନ୍ଧୁ, ଉତ୍କଳ ଗୌରବ ମଧୁସୂଦନ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଭଳି ବରପୁତ୍ରମାନଙ୍କ ତ୍ୟାଗ ଓ ବଳିଦାନ ଯୋଗୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହୋଇପାରିଛି। ଜିଲାପାଳ ବିଶାଲ ସିଂ ବରପୁତ୍ରମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଓଡ଼ିଶାର ସାଂସ୍କୃତିକ ବିବିଧତା ଆମର ସବୁଠାରୁ ବଡ଼ ପରିଚୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାଏକ କହିଲେ, ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ଏବଂ ବିଶ୍ୱ କପ୍ ହକି ଭଳି କ୍ରୀଡା ଆୟୋଜନ ବିଶ୍ୱରେ ଓଡିଶାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। କାର୍ଯ୍ୟକ୍ରମରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରତ୍ନାକର ସାହୁ, ଉପ ଜିଲାପାଳ ଅକ୍ଷୟ ଖେମୁଣ୍ଡୁ, ପୌର ନିର୍ବାହୀ ଅଧିକାରୀ କାହ୍ନୁଚରଣ ପଟ୍ଟନାୟକ, ଜିଲା ଶିକ୍ଷାଧିକାରୀ ମାନସ ଜେନା, ବରିଷ୍ଠ ଆଇନଜୀବୀ ଅଶୋକ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ବକ୍ତା ଭାବେ କବି ବଳରାମ ପୂଜାରୀ ଯୋଗ ଦେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଇତିହାସ ସମ୍ପର୍କରେ ମତ ଉପସ୍ଥାପନ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଜବାହର ନବୋଦୟ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ବନ୍ଦେ ଉତ୍କଳଜନନୀ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ମୁର୍ଗି ପଏଣ୍ଟରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପାଳିଲା ଓଡ଼ିଶା ଦିବସ



ମାଲକାନଗିରି ଜିଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ଏକ ନିଆରା ଢଙ୍ଗରେ ଓଡ଼ିଶା ଦିବସ ପାଳନ କରିଛନ୍ତି। ସଂଘର ୫୦ରୁ ଊର୍ଦ୍ଧ୍ୱ ଏଠାରୁ ୧୦୦ କି.ମି. ଦୂର ମୋଟୁ ଠାରେ ସାବେରୀ ସିଲେରୁ ଓ ଗୋଦାବରୀ ନଦୀର ସଙ୍ଗମସ୍ଥଳୀ ମୁର୍ଗି ପଏଣ୍ଟରେ ଓଡ଼ିଶା ଦିବସ ପାଳନ କରିଥିଲେ। ସ୍ୱାଧୀନତା ସଂଗ୍ରାମର ବରପୁତ୍ର ସୁବାଷ ଚନ୍ଦ୍ର ବୋଷ, ମଧୁସୂଦନ ଦାସ, ଶହୀଦ ଲକ୍ଷ୍ମଣ ନାୟକ ଓ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସଂଘ ସଭାପତି ବାଲାରାଜୁ ପାଡିଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମର ମୁଖ୍ୟଅତିଥି ଭାବେ ମୋଟୁ ତହସିଲଦାର ସୟଦ୍ ସବିର ଶାହା, ସ୍ଥାନୀୟ ସରପଞ୍ଚ କଟାମ କଚିମ, ପୂର୍ବତନ ସରପଞ୍ଚ ଦାରି ଲିଙ୍ଗା, ଇଂ. ମୁତ୍ୟାଲା ରାଓ, ବିଶ୍ୱନାଥ ରେଡ୍ଡି, ଶିକ୍ଷକ ଗୋପାଳ ଚନ୍ଦ୍ର ତ୍ରିପାଠୀ, ସଂଘ ପୂର୍ବତନ ସଭାପତି ସୀମାଞ୍ଚଳ ପାଣିଗ୍ରାହୀ, ଉପଦେଷ୍ଟା ଅବସରପ୍ରାପ୍ତ ତହସିଲଦାର ଶଶାଙ୍କ ମିଶ୍ର ଏବଂ ମୋଟୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ ଖାଉଟି ସଚେତନତା କର୍ମଶାଳା

କୋରାପୁଟ,୧୪(ସ୍ୱ.ପ୍ର.)

କୋରାପୁଟସ୍ଥିତ ଡିଆର୍‌ଡିଏ ସଦ୍‌ଭାବନା ଗୃହରେ ଜିଲାସ୍ତରୀୟ ଖାଉଟି ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲାପରିଷଦ ଅଧ୍ୟକ୍ଷା ସସ୍ମିତା ମେଲକା ମୁଖ୍ୟ ଅତିଥିଭାବେ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲାପାଳ ତଥା ଜିଲା ଖାଉଟି ସୁରକ୍ଷା ଅଧିକାରୀ ରାମେଶ୍ୱର ପ୍ରଧାନଙ୍କ ଅଧ୍ୟକ୍ଷତାରେ କର୍ମଶାଳା ଆୟୋଜିତ ହୋଇଥିଲା। ଏଥିରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଚନ୍ଦ୍ରଶେଖର ମାଝି, କୋଟପାଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ଏମ୍.ଶଙ୍କର ରାଓ, କୋରାପୁଟ ବ୍ଲକ ଅଧ୍ୟକ୍ଷା ନମିତା ମାଝିଙ୍କ ସହ ଅନ୍ୟାନ୍ୟ ବ୍ଲକ ଅଧ୍ୟକ୍ଷାଅଧ୍ୟକ୍ଷ ଯୋଗଦେଇଥିଲେ। ଜିଲା ଉପଭୋକ୍ତା ଆୟୋଗ ସଭାପତି



ତଥା ଜିଲା ଖାଉଟି ଅଦାଲତର ଜଜ୍ ପ୍ରଫୁଲ୍ଲ କୁମାର ପଣ୍ଡା ମୁଖ୍ୟ ବକ୍ତାଭାବେ ଯୋଗଦେଇ ଖାଉଟି ସୁରକ୍ଷା ଆଇନ ୨୦୧୯ ସମ୍ପର୍କରେ କହିଥିଲେ। ଜିଲାରେ ବର୍ତ୍ତମାନ ୨୧୩ ଖାଉଟି ମାମଲା ବିଚାରାଧୀନ ଥିବା ସେ କହିଛନ୍ତି। ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର ସେଠୀ ଓ ଡିସିଏଲ୍‌ଏମ୍ ସତ୍ୟଜିତ୍ ବିଶ୍ୱାଳ ବକ୍ତାଭାବେ ଯୋଗଦେଇଥିଲେ। ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ପ୍ରଦୀପ କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଜୟପୁର ଏସିଏସଓ ସୁଶୀଲ କୁମାର ଜେନା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଭାଗୀୟ ଅଧିକାରୀମାନେ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ।

# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟକୁ ସ୍ଥାନାନ୍ତର କରିବାକୁ ଶିକ୍ଷାମନ୍ତ୍ରୀ ଆସିଛନ୍ତି: ବିଜେଡି

ଜୟପୁର, ୧୪ (ନି.ପ୍ର.)

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କୋଟିଆରେ ଓଡ଼ିଶା ଦିବସ ପାଳନ ପାଇଁ ଆସି ନାହାନ୍ତି ଏଠାରେ ଥିବା କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟକୁ ସ୍ଥାନାନ୍ତର କରିବାକୁ ଆସିଛନ୍ତି ବୋଲି ଶନିବାର ବିଜେଡି ଜୟପୁରଠାରେ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛି। କେନ୍ଦ୍ର ବିଶ୍ୱ ବିଦ୍ୟାଳୟରେ ଆଜି ଯାଏ ୨୨୯ ଅଧ୍ୟାପକ ଓ ଅନ୍ୟାନ୍ୟ ପଦବୀ ସେ ପୂରଣ କରିନାହାନ୍ତି । ପ୍ରଶାସନିକ ଭବନ ନାହିଁ। କୌଣସି ନୂତନ ବିଭାଗ ଖୋଲାଯାଇନାହିଁ । କେନ୍ଦ୍ର ସରକାର ଅବିଭକ୍ତ କୋରାପୁଟ ଜିଲାରେ କୌଣସି ବିକାଶ କରିନାହାନ୍ତି । ଭିନ୍ନ ଉଦ୍ଦେଶ୍ୟରେ କେନ୍ଦ୍ରମନ୍ତ୍ରୀ କୋଟିଆ ଆସିଛନ୍ତି ବୋଲି ବିଜେଡି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ପୂର୍ବତନ ଏମ୍‌ପି ତଥା ବିଜେଡିର ବରିଷ୍ଠ ନେତା ପ୍ରଦୀପ ମାଝୀ କହିଛନ୍ତି। ଏପରି ଆରୋପ ଲଗାଇ ସେ କହିଛନ୍ତି ଯେ, କେନ୍ଦ୍ରମନ୍ତ୍ରୀ ପ୍ରଧାନ ବିବାଦୀୟ କୋଟିଆ ପ୍ରସଙ୍ଗ ଉପରେ ଆଜି ଯାଏ ପଦଟିଏ କହିନାହାନ୍ତି । କୋଟିଆ ପ୍ରତି ତାଙ୍କର କୌଣସି ସହାୟତା ନାହିଁ। ୨୦୦୯ରେ ପ୍ରତିଷ୍ଠିତ କେନ୍ଦ୍ରୀୟ


ଖବରଦାତା ସମ୍ମିଳନୀରେ ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀ ସୂଚନା ଦେଉଛନ୍ତି ।

## କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ କୋଟିଆ ଗସ୍ତ

ବିଶ୍ୱ ବିଦ୍ୟାଳୟକୁ ସାଟେଲାଇଟ ସେଣ୍ଟର କରି ଏଠାରୁ ବିଶ୍ୱ ବିଦ୍ୟାଳୟକୁ ସ୍ଥାନାନ୍ତର କରିବାକୁ ସେ ଯୋଜନା କରୁଛନ୍ତି ବୋଲି ପ୍ରକାଶ କରି ସେ କହିଲେ, ଏହା ଏକ ବିଧିବଦ୍ଧ ଷଡଯନ୍ତ୍ର । ଜୟପୁରରେ ଏଯାଏ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା କରାଗଲା ନାହିଁ। ଅବିଭକ୍ତ କୋରାପୁଟ ଜିଲାରେ ଥିବା ଦୁରୁଆ ଓ ଝୋଡଆ ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ମିଳିଲା ନାହିଁ। କୋଟିଆରେ କେନ୍ଦ୍ର ସରକାର କ'ଣ ବିକାଶ କରିଛନ୍ତି ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ପୂର୍ବତନ ଏମ୍‌ପି ମାଝୀ କହିଲେ, ମୁଖ୍ୟମନ୍ତ୍ରୀ କୋଟିଆରେ ୧୬୦ କୋଟି ଟଙ୍କା ବିନିମୟରେ ବିକାଶ କରିଛନ୍ତି। ରାସ୍ତା, ପାନୀୟ ଜଳ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ପ୍ରାଥମିକ ଶିକ୍ଷାର ବ୍ୟବସ୍ଥା, ୫ଟି ସ୍କୁଲ, ବିଦ୍ୟୁତ୍ ବ୍ୟବସ୍ଥା ଫାଣ୍ଡି, ଚିକିତ୍ସା ବ୍ୟବସ୍ଥା କରାଯାଇଛି । ଉଚ୍ଚ ଶିକ୍ଷା ପାଇଁ ଜୟପୁର ବିକ୍ରମଦେବ କଲେଜକୁ ବିଶ୍ୱବିଦ୍ୟାଳୟ କରାଯାଇଛି। ଅବିଭକ୍ତ କୋରାପୁଟ ଜିଲାବାସୀ ଭାଜପାକୁ ପ୍ରତ୍ୟାଖନ କରୁଛନ୍ତି ଏବଂ ଆଗକୁ ମଧ ପ୍ରତ୍ୟାଖାନ କରିବେ। ଯଦି କେନ୍ଦ୍ର ଶିକ୍ଷାମନ୍ତ୍ରୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟକୁ ସ୍ଥାନାନ୍ତରିତ କରିବେ ତେବେ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ ହେବ ବୋଲି ସେ ଚେତାବନୀ ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଜିଲା ଛାତ୍ର ସଭାପତି ଅଶିଷ ପଣ୍ଡା, ନଗର ସଭାପତି ହର ମିଶ୍ର ଉପସ୍ଥିତ ଥିଲେ ।

## ଆପଦ ମିତ୍ର ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

କୋରାପୁଟ,୧୪(ସ୍ୱ.ପ୍ର.)

କୋରାପୁଟ ମୁନିସିପାଲିଟି ଅଡଟୋରିୟମରେ ଆପଦ ମିତ୍ର ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ୭ଟି ପର୍ଯ୍ୟାୟରେ ୨୮୦ ଜଣ ଯୁବତୀଯୁବକଙ୍କୁ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିରେ ଜିଲାପାଳ ଅବଦଲ ଏମ୍ ଅଖତର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷଣ ନେଇଥିବା ଯୁବତୀଯୁବକଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ଆରକ୍ଷୀ ଅଧୀକ୍ଷକ ଅଭିନ ସୋନକର, ସିଡିଏମ୍‌ଓ ଡ.ଅରୁଣ ପାଢ଼ୀ, ଆଇଏଏସ୍ ପ୍ରଥମେଶ ଅରବିନ୍ଦ ରାଜଶୀରକେ, ତହସିଲଦାର ରଞ୍ଜନ କୁମାର ମନସେଠ୍ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ପ୍ରାଥମିକ ଉପଚାର ଉପରେ ତାଲିମ ଦିଆଯାଇଥିଲା। ତାଲିମ ନେଇଥିବା ବିଷୟରେ ସେମାନେ ତାଙ୍କ କଲେଜ ଓ ସମାଜରେ ପ୍ରଚାର ପ୍ରସାର କରି ଦୁର୍ଘଟଣାକୁ ହ୍ରାସ କରିପାରିବେ ବୋଲି ଜିଲା ଜରୁରିକାଳୀନ ଅଧିକାରୀ ଜ୍ଞାନଜିତ୍ ତ୍ରିପାଠୀ କହିଛନ୍ତି।

## ୫-ଟି ସଚିବଙ୍କ ମାଲକାନଗିରି ଗସ୍ତକୁ ଭାଜପାର ବିରୋଧ


ଭାଜପା କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

ମାଲକାନଗିରି,୧୪(ଡି.ଏନ୍.ଏ.)

ମାଲକାନଗିରିଜିଲା ଭାଜପା ପକ୍ଷରୁଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ମାଲକାନଗିରି ଜିଲା ଗସ୍ତ ନେଇ ଭାଜପା ପ୍ରଶ୍ନ ଉଠାଇଛି। ୫-ଟି ସଚିବଙ୍କ ଏହି ଗସ୍ତ ସରକାରୀ ଥିଲା ନା ବିଜେଡିର ଦଳୀୟ କାର୍ଯ୍ୟକ୍ରମ ଥିଲା ବୋଲି ଭାଜପା ପ୍ରଶ୍ନ କରିଛି। କାର୍ଯ୍ୟକ୍ରମ ଯଦି ସରକାରୀ ଥିଲା ତେବେ ସ୍ଥାନୀୟ ବିଧାୟକଙ୍କୁ ନିମନ୍ତ୍ରଣ କିପରି କରା ନ ଗଲା ବୋଲି ଦଳ ପଚାରିଛି। ଅନ୍ୟପକ୍ଷରେ ତାଙ୍କ ସହ ବିଜେଡି ସାଙ୍ଗଠନିକ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ମଧ ଆସିଥିଲେ। ତାଙ୍କ ଗସ୍ତକୁ ମଧ ଭାଜପା ବିରୋଧ କରିଛି। ମାଲକାନଗିରି ଗସ୍ତ ପାଇଁ ୫-ଟି ସଚିବ ୨ଦିନ ଧରି ହେଲିକପ୍ଟର ବ୍ୟବହାର କରିଥିଲେ। ଜଣେ ସଚିବ ସରକାରୀ ଖର୍ଚ୍ଚରେ ହେଲିକପ୍ଟର ବ୍ୟବହାର କରିବା ଠିକ୍ ନୁହେଁ ବୋଲି ଭାଜପା ରାଜ୍ୟ ଉପସଭାପତି ତଥା ପୂର୍ବତନ ଏମ୍‌ପି ବଳଭଦ୍ର ମାଝି କହିଛନ୍ତି। ସେହିପରି ଗତ ପଞ୍ଚାୟତ ନିର୍ବାଚନ ସମୟରେ ଜିଲାବାସୀଙ୍କୁ ବିଜେଡି ଦେଇଥିବା ଅନେକ ପ୍ରତିଶ୍ରୁତି ବର୍ତ୍ତମାନ ପର୍ଯ୍ୟନ୍ତ ପୂରଣ କରିପାରିନାହିଁ ବୋଲି ସେ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ମାଲକାନଗିରି ବିଧାୟକ ଆଦିତ୍ୟ ମାଢ଼ି, ଜିଲା ଭାଜପା ସଭାପତି ନିମାଇ ପାଲ, ଜିଲା ସମ୍ପାଦକ ମାନିକଲାଲ ଚକ୍ରବର୍ତ୍ତୀ, ଯୁବମୋର୍ଚ୍ଚା ସଭାପତି ରତନ ବନିକ, ଜିଲା କୋଷାଧ୍ୟକ୍ଷ ସଞ୍ଜୟ ସରକାର ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ମାର୍ଚ୍ଚ ୨୮ ଓ ୨୯ରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ୨ଦିନିଆ ମାଲକାନଗିରି ଜିଲା ଗସ୍ତ କରିଥିଲେ।

# ଘର ଉପରେ ପଡିଲା ପୁରୁଣା ଗଛ, ୩ ଆହତ

ଦଶମନ୍ତପୁର/ମାଲକାନଗିରି, ୧୪ ( ଡି ଏନ୍ ଏ )

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଏ.ମାଲକାନାଗିରି ପଞ୍ଚାୟତର କେ.ଚଣ୍ଡାଲଗୁଡ଼ା ଗ୍ରାମରେ କାଳ ବୈଶାଖୀରେ ଏକ ପୁରୁଣା ଗଛ ଉପୁଡି ନିକଟରେ ଥିବା ଏକ ଘର ଉପରେ ପଡିଛି। ଏଥିରେ ୩ଜଣ ଗୁରୁତର ହୋଇଥିବା ଜଣାପଡିଛି।

ଶୁକ୍ରବାର ସନ୍ଧ୍ୟାରେ ଅଦିନିଆ ଝଡ଼, ତୋଫାନ ହୋଇଥିଲା। ଏହି ସମୟରେ ଚନ୍ଦ୍ର ମାଳି (୪୫)ଙ୍କ ଘର ନିକଟରେ ଥିବା ପ୍ରାୟ ଶହେ ବର୍ଷର ଏକ ଆମ୍ବ ଗଛ ଉପୁଡ଼ି ତାଙ୍କ ଘର ଉପରେ ପଡ଼ିଥିଲା। ଏଥିରେ ତାଙ୍କଘରଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ଚନ୍ଦ୍ର କହିଛନ୍ତି। ଏଥିସହ ପରିବାରର ଚନ୍ଦ୍ରଙ୍କ ସହ କୋମଳି ମାଳି (୩୭) ଏବଂ ହସାଇ ମାଳି (୪୫) ଆହତ ହୋଇଛନ୍ତି। ଖବର ପାଇ ଗ୍ରାମର ଖଗେଶ୍ୱର ମାଳି ଏବଂ ଗ୍ରାମବାସୀ ପହଞ୍ଚି ୧୦୮ ଆମ୍ବୁଲାନ୍ସ ଡକାଇ ଆହତଙ୍କୁ କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସୂଚନାଯୋଗ୍ୟ ଏହି ସମୟରେ ଘରେ ଥିବା ଚନ୍ଦ୍ରଙ୍କ ବଡ଼ ପୁଅ ଟୋବା ମାଳି ଓ ଲମ୍ବଧର ମାଳିଙ୍କ କିଛି କ୍ଷତି ହୋଇନାହିଁ। ତୁରନ୍ତ ଚନ୍ଦ୍ରଙ୍କ ପରିବାରକୁ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

ମାଲକାନଗିରି ଜିଲା ସଦର ବ୍ଲକ ପଦ୍ମଗିରି ପଞ୍ଚାୟତ ଅଂଚଳରେ ଶନିବାର କାଳ ବୈଶାଖୀରେ ବହୁ କ୍ଷୟକ୍ଷତି ହୋଇଛି। ପ୍ରାୟ ଶତାଧିକ ଟିଣ ଘରର ଛପର ଉଡି ଯାଇଛି। ଏଥିସହ ବିଭିନ୍ନ ସ୍ଥାନରେ ବଡ ବଡ ଗଛ ପଡି ବହୁ ସ୍ଥାନରେ ରାସ୍ତା ଅବରୋଧ ହୋଇଛି। ଏଥିଯୋଗୁ ଗମନାଗମନରେ ବାଧା ସୃଷ୍ଟି ହୋଇଛି। ବିଦ୍ୟୁତ୍ ସରବରାହ ମଧ ବନ୍ଦ ରହିଛି। ରବିବାର କ୍ଷୟକ୍ଷତି ଆକଳନ କରିବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି।


ଦଶମନ୍ତପୁରରେ ଚନ୍ଦ୍ରଙ୍କ ଘର ଉପରେ ଭାଙ୍ଗି ପଡିଥିବା ଗଛ।

# ଠିକ୍ ରୂପେ ବିନିଯୋଗ ହେଉନି ୫-ଟି ଅନୁଦାନ

- ନିର୍ମିତ ଖେଳପଡ଼ିଆରୁ ମାଟି ଧସି ହେଲାଣି ଖାଲ
- କମ୍ପ୍ୟୁଟର ଆସି ରହିଛି, ଇଣ୍ଟରନେଟ୍ ସଂଯୋଗ ହୋଇନି
- କାର୍ଯ୍ୟ ସନ୍ତୋଷଜନକ ନ ହେଲେ ଜିଲାପାଳଙ୍କୁ ଭେଟିବୁ: ଅଭିଭାବକ
- ବ୍ଲକ ପ୍ରଶାସନ ନିର୍ମାଣ ଦାୟିତ୍ୱ ନେଇଛି: ପ୍ରଧାନ ଶିକ୍ଷୟିତ୍ରୀ

ପଟ୍ଟାଙ୍ଗି,୧୪(ଡି.ଏନ୍.ଏ.)

ଗ୍ରାମାଞ୍ଚଳର ଛାତ୍ରୀଛାତ୍ର ଶିକ୍ଷା ପ୍ରତି କିପରି ଆକୃଷ୍ଟ ହେବେ ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୫-ଟି ମାଧ୍ୟମରେ ବିଦ୍ୟାଳୟଗୁଡ଼ିକର ଉନ୍ନତି କରୁଛନ୍ତି। ଏଥିପାଇଁ ବହୁ ଅର୍ଥ ଅନୁଦାନ ଆକାରରେ ପ୍ରଦାନ କରୁଛନ୍ତି। କେଉଁଠି ଏହି ବ୍ୟବସ୍ଥାର ସଫଳ ରୂପାୟନ ହେଉଥିବା ବେଳେ ଆଉ କେଉଁଠି ହେଉନାହିଁ। ଏପରି ଦେଖିବାକୁ ମିଳିଛି କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକରେ ପ୍ରତିଷ୍ଠା ହୋଇଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ। ଆଦିବାସୀ ଅଞ୍ଚଳର ଛାତ୍ରୀଛାତ୍ରମାନେ ଯେପରି ସିବିଏସ୍‌ସି ଢାଞ୍ଚାରେ ଇଂରାଜୀ ଶିକ୍ଷା ପାଇପାରିବେ ସେନେଇ ରାଜ୍ୟ ସରକାର ପ୍ରତ୍ୟେକ ବ୍ଲକରେ ଗୋଟିଏ ଲେଖାଏ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସ୍ଥାପନ କରିଥିଲେ। ପଟ୍ଟାଙ୍ଗି ବ୍ଲକରେ ମଧ ଗୋଟିଏ ବିଦ୍ୟାଳୟ ହୋଇଥିଲା। ୩୨୦ ଛାତ୍ରୀଛାତ୍ର ଉନ୍ନତଧରଣର ଶିକ୍ଷା ଓ ପରିବେଶ ପାଇବା ଲାଗି ଉକ୍ତ ବିଦ୍ୟାଳୟକୁ ୫-ଟିରେ ଅନ୍ତର୍ଭୁକ୍ତ କରାଯାଇଥିଲା। ଏହି ଯୋଜନାରେ ଆସିଥିବା ଅର୍ଥରେ ବିଦ୍ୟାଳୟର ଏକ ଖେଳ ପଡ଼ିଆ ନିର୍ମାଣ କରାଯାଇଛି। ମାତ୍ର ନିର୍ମାଣର ବର୍ଷେ ନ ପୂରୁଣୁ ଖେଳପଡ଼ିଆରୁ ମାଟି ଧସି ଆଣ୍ଠୁଏ ଲେଖାଏ ଖାଲ ହୋଇଗଲାଣି। ଫଳରେ ଏବେ ଏହି ପଡ଼ିଆ କୌଣସି ଖେଳ ପାଇଁ ଉପଯୋଗୀ ହୋଇପାରୁ ନ ଥିବା କେତେଜଣ ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି। ସେହିପରି ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ କମ୍ପ୍ୟୁଟର ଶିକ୍ଷା ଲାଗି ୧୦ଟି କମ୍ପ୍ୟୁଟର ଆସିଛି ସତ, ମାତ୍ର ଏଯାଏ ସେଥିରେ ଇଣ୍ଟରନେଟ୍ ବ୍ୟବସ୍ଥା ହୋଇନାହିଁ। ଏଥିପାଇଁ ପ୍ରତିଷ୍ଠା ହୋଇଥିବା ଲାଇବ୍ରେରି ମଧ କୌଣସି କାର୍ଯ୍ୟରେ ଲାଗୁ ନ ଥିବା ଦେଖିବାକୁ ମିଳୁଛି। ବିଦ୍ୟାଳୟରେ ଥିବା ଶୌଚାଳୟ ଅବସ୍ଥା ମଧ ଠିକ୍ ନାହିଁ। ରହିଥିବା ୬ଟି ଶୌଚାଳୟ ମଧ୍ୟରୁ କେବଳ ଛାତ୍ରୀ ଓ ଶିକ୍ଷୟିତ୍ରୀଙ୍କ ଶୌଚାଳୟକୁ ଛାଡ଼ିଦେଲେ ଅନ୍ୟ ସବୁ ଅଧାପନ୍ତରିଆ ହୋଇ ପଡିରହିଛି। ସ୍ମାର୍ଟ କ୍ଲାସ୍ ରୁମ୍‌ରେ କେବଳ ପୁରୁଣା କବାଟକୁ ବାହାରକରି ନୂଆ କବାଟ ଲଗାଯାଇଛି। କାନ୍ଥଗୁଡିକୁ ଛୁଇଁଲେ ପଲସ୍ତରା ଝଡ଼ି ପଡୁଛି । ଏନେଇ ବିଦ୍ୟାଳୟ ଅଧ୍ୟକ୍ଷା ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ଗାୟତ୍ରୀ ମଲ୍ଲିକଙ୍କୁ ପଚାରିବାରୁ ସେ କହିଲେ, ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶରେ ଆସିଥିବା ଅନୁଦାନ ୪୮ଲକ୍ଷରୁ ୩୦ ଲକ୍ଷ ଟଙ୍କା ବ୍ଲକ ପ୍ରଶାସନକୁ ନିର୍ମାଣ କାର୍ଯ୍ୟ ପାଇଁ ପ୍ରଦାନ କରାଯାଇଥିଲା। ହୋଇଥିବା କାର୍ଯ୍ୟଗୁଡ଼ିକୁ ନେଇ ସେ ସନ୍ତୁଷ୍ଟ ନ ଥିବା ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ଏପରି ଅବ୍ୟବସ୍ଥା ନେଇ ଅଭିଭାବକମାନେ ମଧ ଅସନ୍ତୋଷ ପ୍ରକାଶ କରିଛନ୍ତି। ୫-ଟି କାର୍ଯ୍ୟ ଠିକ୍ ରୂପେ କରିବାକୁ ସେମାନେ ଦାବି କରିଛନ୍ତି। ଯଦି କାର୍ଯ୍ୟ ସନ୍ତୋଷଜନକ ନ ହୁଏ ତେବେ ସେମାନେ ଜିଲାପାଳଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି।


ବର୍ଷେ ନ ପୂରୁଣୁ ନିର୍ମିତ ଖେଳପଡ଼ିଆ ଅବସ୍ଥା।

